## ସଂକ୍ଷେପରେ

### ହନୁମାନଜୀଉ ମନ୍ଦିର ବାର୍ଷିକୋତ୍ସବ

ତିର୍ତ୍ତୋଲ, ୨୨।୧୨ (ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ବଡଭଁସର ଗ୍ରାମ ହନୁମାନଜୀଉ ମନ୍ଦିରର ପଞ୍ଚଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ହନୁମାନଜୀଉ ଦୟାପରିଷଦ ଆନୁକୂଲ୍ୟରେ ୫ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଦୈନିକ ସୂର୍ଯ୍ୟପୂଜା, ଗୁରୁ ପୂଜା, ଗୋବିନ୍ଦ ପୂଜା, ଶ୍ରୀମଦ ଗୀତା ଆହୁତି, ଚଣ୍ଡୀ ଆହୁତି, ଶ୍ରୀରାମ ଓ ଶ୍ରୀହନୁମାନଙ୍କ ସହସ୍ରାର୍ଚ୍ଚନ ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ନୟାଗଡ଼ର ସନ୍ଥ ବାବା ନିର୍ବାଣ ଭଗବାନ ଦାସ ଗୀତା ଓ ଭାଗବତ ତତ୍ତ୍ୱ ଉପରେ ଉପାଦେୟ ପ୍ରବଚନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ ସହ ରାମାୟଣୀ ପଣ୍ଡିତ ଅଭୟ ଦାଶ(ବୁଲୁନନା)ଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଳାପକାର ଶରଣାବିନ୍ଦ ଓଝା ଶ୍ରୀଜଗନ୍ନାଥଙ୍କ ବିଷୟରେ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ବିଜୟ ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ହନୁମାନଜୀଉ ପରିଷଦର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

### କ୍ରୀଡ଼ା ପ୍ରତିଯୋଗିତା

ତିର୍ତ୍ତୋଲ,୨୨।୧୨(ଡି.ଏନ.ଏ.): ତିର୍ତ୍ତୋଲ ନେହେରୁ କଲୋନୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ପରିଚାଳନା କମିଟି ସଭାପତି ପତିତପାବନ ହୋତା ଓ ସମ୍ପାଦକ ଆଇନଜୀବୀ ଆହ୍ଲାଦ ପରିଜା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅନନ୍ତ କିଶୋର ଭୂୟାଁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ଅନୁପମା ଆଚାର୍ଯ୍ୟ, ଶିକ୍ଷକ ଅରୁଣ ସାମନ୍ତରାୟ, ସ୍ମିତିରଞ୍ଜନ ରାୟ ସହଯୋଗ କରିଥିଲେ। ସମସ୍ତ ଗୁରୁଜୀଗୁରୁମା ପରିଚାଳନାରେ ସହାୟତା କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବାବା ଦିବାକର ଦାସ ସମ୍ବର୍ଦ୍ଧିତ



ବିରିଡ଼ି,୨୨।୧୨(ଡି.ଏନ.ଏ.): ବିରିଡ଼ି ବ୍ଲକ ଅଧୀନ ବାଲିଆ ଗୋପୀନାଥପୁରର ଶ୍ରୀଜଗନ୍ନାଥ ସଂସ୍କୃତି କଥା ପ୍ରଚାରକ ବାବା ଦିବାକର ଦାସଙ୍କୁ ଯାଜପୁରସ୍ଥିତ ଲକ୍ଷ୍ମୀ ନାରାୟଣ ପୂଜା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାବା ଦାସ ଉପସ୍ଥିତ ରହି ଭକ୍ତଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତିର ପରମ୍ପରା ସମ୍ବନ୍ଧରେ ଶ୍ରବଣ କରାଇଥିଲେ ଏବଂ ପ୍ରତିଟି ଘରେ ଭାଗବତ ପଠନ ପାଇଁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନ ମୁଖ୍ୟକର୍ତ୍ତା ପ୍ରଫୁଲ୍ଲ ସାହୁ, ସମ୍ପାଦକ ରମେଶ ଦାସ, ସଭାପତି ବଳରାମ ତରେଇ ପ୍ରମୁଖ ବାବାଙ୍କୁ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ବିଧାୟକଙ୍କ ଦ୍ୱାରା ନିରାମୟ ଗୋଦାମ ଗୃହ ଉଦ୍‌ଘାଟନ

ରଘୁନାଥପୁର,୨୨।୧୨ (ଡି.ଏନ.ଏ.): ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମିତ ନିରାମୟ ଗୋଦାମ ଗୃହକୁ ବିଧାୟକ ବିଷ୍ଣୁ ଦାସ ଉଦ୍‌ଘାଟନ କରିଛନ୍ତି। ଏଥିସହ ରୋଗୀ କଲ୍ୟାଣ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦାସ ଯୋଗ ଦେଇଥିଲେ। ଚିକିତ୍ସା ପାଇଁ ଆସୁଥିବା ଅନୁଦାନ କେଉଁ ବାବାଦରେ ଖର୍ଚ୍ଚ କରାଯିବ ତାହାର ଚିଠା ପ୍ରସ୍ତୁତ କରାଯାଇଥିଲା। ବିଧାୟକଙ୍କ ଗସ୍ତ ସମୟରେ ଜିଲା ବିଜେଡି ଉପସଭାପତି ସରୋଜକାନ୍ତ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ସରପଞ୍ଚ ପ୍ରମୋଦ ଜେନା, ସମିତିସଭ୍ୟ ମେହେବୁବ୍ ବେଗ, ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ବିଇଓ ରାଜ୍ୟଶ୍ରୀ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲାଇବ୍ରେରି ବହି କିଣାରେ ଚଞ୍ଚକତା

ଜଗତ୍‌ସିଂହପୁର ଅଫିସ,୨୨।୧୨

ଜଗତ୍‌ସିଂହପୁର ଜିଲାରେ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଲାଇବ୍ରେରି ବହି କିଣାରେ ଚଞ୍ଚକତା କରାଯାଉଛି। ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ସହ ଗୁପ୍ତ ବୁଝାମଣା କରାଯାଇ କମିଶନ ଆକାରରେ ମୋଟା ଅଙ୍କର ଅର୍ଥ ରୋଜଗାର ଚାଲିଛି। ବିଦ୍ୟାଳୟଗୁଡ଼ିକ ସେମାନଙ୍କ ପସନ୍ଦର ବହି କିଣିବା ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ସୁଦ୍ଧା ତାହା ହେଉନି। ପାଟି ଖୋଲିଲେ ବିପଦ ଥିବାରୁ ଏକାଧିକ ବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟ ବାଧକତାରେ ତାହା କିଣୁଛନ୍ତି। ନାମ ଗୋପନ ରଖି ଏଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଏକାଧିକ ଶିକ୍ଷକ। ଏହି ପ୍ରସଙ୍ଗ ଏବେ ସାରା ଜିଲାରେ ଆଲୋଚନାର ବିଷୟ ହୋଇଛି।

ଜିଲାରେ ମୋଟ ଉପରେ ୧,୧୭୩ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହିସବୁ ବିଦ୍ୟାଳୟଗୁଡ଼ିକୁ ଲାଇବ୍ରେରି ବହି କିଣିବା ପାଇଁ ୪୭,୯୧,୫୪୦ ଟଙ୍କା ଅନୁଦାନ ଆସିଛି। ଓପେପା ନିର୍ଦ୍ଦେଶ ୧ମରୁ ୮ମ ଶ୍ରେଣୀ ଥିବା ବିଦ୍ୟାଳୟ ପିଛା ୬,୯୮୦ ଟଙ୍କା ଦିଆଯାଇଛି। ସେହିପରି ୬ଷ୍ଠରୁ ୮ମ ୪,୯୮୦, ୧ମରୁ ୫ମ ୨,୯୮୦ ଟଙ୍କା ଦିଆଯିବା ବ୍ୟବସ୍ଥା କରାଯାଇଛି। ଏହି ଅନୁଦାନରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏନ୍‌ବିଟି (ନ୍ୟାଶନାଲ ବୁକ୍ ଟ୍ରଷ୍ଟ), ଏନ୍‌ସିଇଆର୍‌ଟି (ନ୍ୟାଶନାଲ ସେଣ୍ଟର ଫର ଚିଲ୍ଡ୍ରେନ୍ସ ଲିଟ୍‌ରେଚର୍), ରାଜ୍ୟ ସରକାରଙ୍କ ସଂସ୍କୃତି ଓ ଅନ୍ୟ ବିଭାଗ ଦ୍ୱାରା ପ୍ରକାଶିତ ବହି କିଣିବା ପାଇଁ ନିର୍ଦ୍ଦେଶ ରହିଛି। ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକଙ୍କ ପକ୍ଷରୁ ଓପେପା ନିର୍ଦ୍ଦେଶାବଳୀ ସମ୍ପର୍କରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଅବଗତ କରାଯାଇଥିଲା। କିନ୍ତୁ ବେସରକାରୀ ଭାବେ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ବହି କିଣିବାକୁ ଚାପ ପକା ଯାଇଥିଲା। ଏ ସମ୍ପର୍କରେ କେତେଜଣ ପ୍ରଧାନଶିକ୍ଷକ ନାମ ଗୋପନ ରଖି କହିଛନ୍ତି, ସିଆର୍‌ସିସିମାନଙ୍କ ଜରିଆରେ ବହି ବାହାରୁ ନ କିଣିବା ପାଇଁ କୁହାଯାଇଥିଲା। ପ୍ରକାଶକଙ୍କ ସହ ଯୋଗାଯୋଗ ସରିଛି ଏବଂ ବହି ପହଞ୍ଚାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ହେଲେ ଯେଉଁ ବହି ସେମାନଙ୍କ ଲାଇବ୍ରେରିରେ ଅଛି ପୁଣି କିଣିବାର ଆବଶ୍ୟକତା ନ ଥାଇ କାହିଁକି କିଣିବେ ବୋଲି ପ୍ରଶ୍ନ କରିଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ବରଂ ଏହା ଉପରୁ ନିର୍ଦ୍ଦେଶ ବୋଲି କୁହାଯାଇ ଚାପ ପକା ଯାଇଥିଲା। ତେଣୁ ସେମାନେ ବାଧ୍ୟ ହୋଇ ଯେଉଁ ବହି ଦିଆ ଯାଇଥିଲା ତାହା କିଣିଲେ ବୋଲି ପ୍ରକାଶ କରିଛନ୍ତି। ଦୁଃଖର କଥା ହେଲା ଏଭଳି ବହି

**ପ୍ରାଥମିକ ବିଦ୍ୟାଳୟ**
- ମୋଟା ଅଙ୍କର କମିଶନ ଆଦାୟ
- ଡିପିସିଙ୍କ ଭୂମିକାକୁ ନେଇ ସନ୍ଦେହ

ଯୋଗା ଯୋଇଥିଲା ଯେଉଁ ବହିର ମୂଲ୍ୟ ବଜାରରେ କମ୍ ଦାମରେ ମିଳୁଛି। ଏହି ବହି ଅଧିକ ସଂଖ୍ୟାରେ ଆଣିଲେ ୨୦%ରୁ ୩୦% ପର୍ଯ୍ୟନ୍ତ କମିଶନ ମିଳିବା ବ୍ୟବସ୍ଥା ଅଛି। ତେଣୁ ଏହି କମିଶନ ହାତେଇବା ପାଇଁ ପ୍ରକାଶକଙ୍କ ସହ ଗୁପ୍ତ ବୁଝାମଣା ହୋଇଥିବା ଅଭିଯୋଗ ହୋଇଛି।

ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଜିଲାର ୧,୧୭୩ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧,୦୧୧ଟିରେ ବହି କିଣା ସରିଲାଣି। ସେଥିମଧ୍ୟରୁ ୧ମରୁ ୮ମ ୩୦୬, ୬ରୁ ୮ମ ୩୬ ଓ ୧ରୁ ୫ମ ୮୩୧ଟି ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟଗୁଡ଼ିକୁ କେତେକ ସିଆର୍‌ସିସିଙ୍କ ଜରିଆରେ ବହି ଯୋଗାଯାଇଛି। ଆମର ହସ୍ତଗତ ହୋଇଥିବା ଏକ ବିଲ୍‌ର ନକଲ ଅନିୟମିତତାର ଚେର କେତେ ତାହା ସ୍ପଷ୍ଟ କରିଛି। ବିଲ୍‌ର ସଂଖ୍ୟା ବାମ ପାର୍ଶ୍ୱରେ ଥିବା ବେଳେ ଦକ୍ଷିଣ ପାର୍ଶ୍ୱରେ ତାରିଖ ରହିଛି। କେବଳ ବିଲ୍ ସଂଖ୍ୟା ଉଲ୍ଲେଖ ଥିବା ବେଳେ ତାରିଖ ପକାଯାଇନାହିଁ। ମଝିରେ ପ୍ରକାଶକଙ୍କ ନାଁ ଓ ଠିକଣା ରହିଛି। ତା ତଳକୁ ଟୁ ଲେଖାଯାଇ ଖାଲି ରଖାଯାଇଛି। ଏଭଳି କରାଯିବାର ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ କର୍ତ୍ତୃପକ୍ଷ ହେଉ ଅବା ପ୍ରକାଶକ ଚାହିଁଲେ ବିଦ୍ୟାଳୟ ନାଁ ଓ ଠିକଣା ଲେଖିପାରିବେ। ତଳେ କ୍ରମିକ ସଂଖ୍ୟା, ପୁସ୍ତକର ନାମ, ମୂଲ୍ୟ ଆଦି ଛପା ଲେଖା ଅଛି। ଶେଷରେ ମୂଲ୍ୟ, ଡିସ୍କାଉଣ୍ଟ ପରେ ଚୂଡାନ୍ତ ପରିମାଣ ଉଲ୍ଲେଖ ଅଛି। ଏଠାରେ ସ୍ପଷ୍ଟ ହୋଇଛି ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦିଷ୍ଟ ବହି କିଣିବାକୁ ବାଧ୍ୟ କରାଯାଇଛି। ଏହି ବହି ବିଦ୍ୟାଳୟଗୁଡ଼ିକରେ ପହଞ୍ଚାଇବା କ୍ଷେତ୍ରରେ ଡିପିସିଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଡିପିସି ସପନ କୁମାର ଜେନାଙ୍କୁ ପଚାରିବାରୁ ବହି କିଣା ଓ କମିଶନ ଆଦାୟରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ସରକାରୀ ନିର୍ଦ୍ଦେଶ ମୁତାବକ ବିଦ୍ୟାଳୟଗୁଡ଼ିକ ବହି କିଣିବାକୁ ଚିଠି କରାଯାଇଥିଲା ବୋଲି କହିଛନ୍ତି।



ଛାତ୍ରୀମାନେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।

## ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର

ରଘୁନାଥପୁର ,୨୨।୧୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ କୁର୍ତ୍ତଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜରେ ୧୨ ଦିନ ଧରି ଚାଲିଥିବା ବାଳିକା ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ପ୍ରଥମ ବର୍ଷର ୨୨ ଜଣ ଛାତ୍ରୀ ତାଲିମ ନେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ପୌରୋହିତ୍ୟ କରି ଛାତ୍ରୀମାନେ ଆତ୍ମରକ୍ଷା କୌଶଳକୁ ଆପଣାଇ ନିଜ ପଡିଶା, ପରିବାରରେ ଥିବା ବାଳିକାମାନଙ୍କୁ ତାଲିମ ଦେବାକୁ କହିଥିଲେ। ସେହିପରି ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣର ଜିଲା ଉପସଂଯୋଜକ ଭଗବାନ ଦାସ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ ଉପଯୋଗିତା ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ସଂଯୋଜିକା ଶୁଭ୍ରଶଲିଳା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଅତିଥିଙ୍କ ସମ୍ମୁଖରେ ନିଜର କୌଶଳ ପ୍ରଦର୍ଶନ କରିଥିଲେ। ମାଷ୍ଟର ଟ୍ରେନର ରଶ୍ମିତା ବିଶ୍ୱାଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡ. ଦୀପ୍ତିମୟୀ ଜେନା, ରଞ୍ଜିତା ମହାନ୍ତି, ରବୀନ୍ଦ୍ର କୁମାର ଦାସ ଓ ଦୈତାରି ଜେନା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ରଘୁନାଥପୁର, ୨୨।୧୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ବହୁ ପୁରାତନ ନାଳିବର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ଏସଏମସି ସଭାପତି ନିରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ସମ୍ବନ୍ଧୀୟ ଦିଗ୍‌ଦର୍ଶନ ଦେଇଥିଲେ। ସ୍ଥାନୀୟ ଏରଡଙ୍ଗା ସରପଞ୍ଚ ଛବିତା ମହାନ୍ତି ମୁକ୍ୟ ଅତିଥି ଭାବେ କ୍ରୀଡ଼ା ଅଭିବାଦନ ଗ୍ରହଣ କରିବା ସହ ମୂଲ୍ୟବାନ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ନାୟକ ନିଜ ବକ୍ତବ୍ୟରେ କ୍ରୀଡ଼ା ଶରୀରକୁ ଫୁର୍ତ୍ତି ରଖିବା ସହ ଶିକ୍ଷା ଆହରଣ କରିବାରେ ଅନୁକୂଳ ବାତାବରଣ ସୃଷ୍ଟି କରେ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ କଳ୍ପନା କୁମାର ବେହେରାଙ୍କ ପରିଚାଳନାରେ କ୍ରୀଡ଼ା ଆୟୋଜନ ହୋଇଥିଲା। ଉତ୍ସବରେ ସ୍ନେହାଞ୍ଜଳି ସ୍ୱାଇଁ ଅତିଥି ପରିଚୟ, ରମାକାନ୍ତ ନାୟକ ସ୍ୱାଗତ ଭାଷଣ, ଅଞ୍ଜଳି ମିଶ୍ର କାର୍ଯ୍ୟ ସଞ୍ଚାଳନ ଓ ମଧୁସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଉଲ୍ଲାସ ଚନ୍ଦ୍ର ରାୟ, ନୃସିଂହ ଚରଣ ସ୍ୱାଇଁ ସତ୍ୟଭାମା ଦାସ ଛାତ୍ରୀଛାତ୍ରଙ୍କ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।





ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ■ ମାଟିଘର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

## ‘ସାହିତ୍ୟ ଜନସମାଜକୁ ଦିଗ୍‌ଦର୍ଶନ ଦେଇଥାଏ’

ରାହାମା,୨୨।୧୨(ଡି.ଏନ.ଏ.)

କୁଜଙ୍ଗ ବ୍ଲକ ଅଧୀନ ରାହାମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାଟିଘର ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରାଧ୍ୟାପକ ଡ. କ୍ଷୀରୋଦ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଆଦି କବି ଶାରଳା ଦାସ ମହାବିଦ୍ୟାଳୟ ଅଧ୍ୟକ୍ଷ ଜ୍ଞାନଜ କୁମାର ସାମନ୍ତରାୟ, ମୁଖ୍ୟବକ୍ତା ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥି କବି ମନୋରମା ଶତପଥୀ, ସାମାଜିକ କର୍ମୀ ବ୍ରଜକିଶୋର ମହାରାଜ, ଅଧ୍ୟାପକ ଅଶୋକ ରାଉତ ପ୍ରମୁଖ ଯୋଗଦେଇ ସାହିତ୍ୟ ଜନସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତ ରଖିଥିଲେ। ଏହି ଅବସରରେ କବିତା ପାଠ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ପରେ ସାହିତ୍ୟ ସଂସଦ ବାର୍ଷିକ ମୁଖପତ୍ର ଆଶା ଆକାଶକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ ଓ କବି ମନୋରମା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା ଓ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦ ସମ୍ପାଦକ ବିଷ୍ଣୁପ୍ରସାଦ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭ୍ୟ ଶିକ୍ଷକ ବିନୋଦ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦ ସଦସ୍ୟା ସଂଯୁକ୍ତା ସାହୁ, ଇନ୍ଦୁପ୍ରଭା ବିଶ୍ୱାଳ, ଅଧ୍ୟାପିକା ଜୟନ୍ତୀ ମୁଦୁଲି, ଗୀତାଞ୍ଜଳି ସେନାପତି, କାଶୀନାଥ ସାହୁ, ବିଜୟ ମୁଦୁଲି, ଧୀରେନ୍ଦ୍ର ବେହେରା, ଆଇନଜୀବୀ ପ୍ରଶାନ୍ତ ଦାସ, ରବୀନ୍ଦ୍ର ସାହୁ, ଅଧିକାରୀ ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସଭ୍ୟ ରାଜେନ୍ଦ୍ର ପ୍ରସାଦ ବାରିକ ଧନ୍ୟବାଦ ଦେଇଥିଲେ।

### ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ତିର୍ତ୍ତୋଲ,୨୨।୧୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଅଧୀନ କନିମୂଳ ପଞ୍ଚାୟତ ପାରିଲଙ୍କାପଡ଼ାଠାରେ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅଙ୍କୁରାୟଣ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସାମାଜିକ କର୍ମୀ ମାନସ ରଞ୍ଜନ ଦାସ, ଆବାହକ ସୁଧାଂଶୁ ପରିଜା, ସ୍ଥାନୀୟ ସରପଞ୍ଚ ଇଂ ବେଦଦ୍ୟୁତି ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

## ୩ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର,୨୨।୧୨ (ଡି.ଏନ.ଏ.): ରଘୁନାଥପୁର ବ୍ଲକ ରାଡଙ୍ଗ ଉଚ୍ଚ ବିଦ୍ୟାଳୟର ଜଣେ ପ୍ରଧାନଶିକ୍ଷକ ଓ ୨ ବିଜ୍ଞାନ ଶିକ୍ଷକଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଣେ ଶିକ୍ଷକ କେବେ ଶିକ୍ଷାଦାନରୁ ଅବସର ନିଏ ନାହିଁ। ବରଂ ସାମୟିକ ଭାବେ ବୃତ୍ତିରୁ ଅବସର ନେଇଥାଏ ବୋଲି କହିଥିଲେ। ଅବସରପ୍ରାପ୍ତ ଶିକ୍ଷକମାନେ ବାକି ଜୀବନରେ ସାମାଜିକ ସ୍ତରରେ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି ବୋଲି ରାଉତ କହିଥିଲେ। ମୁଖ୍ୟବକ୍ତା ରଘୁନାଥ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାରପ୍ରାପ୍ତ ସରପଞ୍ଚ ବିଷ୍ଣୁ ଚରଣ ରାଉତ, ସୁଶାନ୍ତ ଜେନା, ସିଆରସିସି ତରୁଣ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ମହାପାତ୍ର, ବିଜ୍ଞାନ ଶିକ୍ଷକ ନିମାଇଁ ଚରଣ ସ୍ୱାଇଁ ଓ ରମେଶ ଚନ୍ଦ୍ର ମହାନ୍ତି ନିଜର ବିଦାୟୀ ଭାଷଣ ରଖିଥିଲେ। ୩ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉପଢୌକନ ଓ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶୁକଦେବ ଜେନା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଶତାବ୍ଦୀ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ନିମାଇ ଚରଣ ରାଉତ, ସନ୍ତୋଷ କୁମାର ରାଉତ ସଭା ପରିଚାଳନାରେ ସହଯୋଗ କରିଥିଲେ।



ବନ୍ଧୁ ମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

## ପୁରୁଣା ସ୍ମୃତି ବଖାଣିଲେ ଛାତ୍ରୀଛାତ୍ର

ଜଗତ୍‌ସିଂହପୁର ଅଫିସ,୨୨।୧୨

ଜଗତ୍‌ସିଂହପୁର ବ୍ଲକ ଜାହାନପୁରସ୍ଥିତ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୧ ବ୍ୟାଚର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପୁରୁଣା ସ୍ମୃତିକୁ ବଖାଣିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ରନାଥ ରଥ, କୃଷ୍ଣଚନ୍ଦ୍ର ନନ୍ଦ, ବିଷ୍ଣୁ ଚରଣ ଜେନା, ପ୍ରଫୁଲ୍ଲ ପଟ୍ଟନାୟକ, ବସନ୍ତ ଶତପଥୀ, ନାରାୟଣ ଜେନା, ସୁପ୍ରଭା ପଟ୍ଟନାୟକ, ଶଶୀଭୂଷଣ ନନ୍ଦଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ୍ତ ବସ୍ତିଆ, ରବି ରଥ, କୈଳାସ ଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଦୀପ୍ତ ତ୍ରିପାଠୀ, ଭାଗିରଥୀ ରାଉତରାୟ ଓ ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସେବା ଶିବିର ଉଦ୍‌ଘାଟିତ

ରଘୁନାଥପୁର ,୨୨।୧୨ (ଡି.ଏନ.ଏ.)

ରଘୁନାଥପୁର କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ଅଫ ଏଜୁକେଶନ ଆଣ୍ଡ ଟେକ୍‌ନୋଲୋଜି ପକ୍ଷରୁ ଶନିବାର ଜାତୀୟ ସେବା ଶିବିର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଶେଖ ଆସଲମ୍ ଅଲ୍ଲି ଓ ସହକାରୀ ଅଫିସର ତଥା ଅଧ୍ୟାପକ ଅଭୟ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୨ ବର୍ଷର ୨୮ ଜଣ ଛାତ୍ର ୭ ଦିନ ଧରି ଏହି ସେବା କାର୍ଯ୍ୟକ୍ରମରେ ସାମିଲ ହୋଇ ଦାୟିତ୍ୱ ନିର୍ବାହ କରିବେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଡିଷ୍ଟ୍ରିକ ସାନିଟେଶନ କନସଲଟାଣ୍ଟ ତପସ୍ୱିନୀ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଗୁଆଳିପୁର ପଞ୍ଚାୟତର ପାଟେଣିଗାଁ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ଛାତ୍ରମାନେ ସାମାଜିକ ସଚେତନତା ସୃଷ୍ଟି କରିବେ। ଏହି ଅବସରରେ ଛାତ୍ରମାନେ ଏକ ସଚେତନତା ରାଲିରେ ଉକ୍ତ ଗ୍ରାମକୁ ଯାଇ ସେଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ସଫା କରିଥିଲେ। ସିଆରସିସି ସୋନା ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।





ଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

### ■ ମହାନଦୀରେ ଲୀନ ହେଉଛି ନଦୀପଠା ସବୁଜିମା

# ପ୍ରତିକାର ବ୍ୟବସ୍ଥା କରାଯାଉନି

ତିର୍ତ୍ତୋଲ,୨୨।୧୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମହାନଦୀ ଅବବାହିକା ତିର୍ତ୍ତୋଲ-ପୋଷଲ ଘାଟ ନିକଟରେ କିଛି ବର୍ଷ ହେବ ନଦୀପଠା ଅତଡା ଖାଇଆସୁଥିଲା। ମାତ୍ର ଚଳିତ ବର୍ଷ ଅଧିକ ମାତ୍ରାରେ ନଦୀପଠା ଅତଡା ଖାଇ ଚାଲିଥିବା ଦେଖାଯାଇଛି। କିନ୍ତୁ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସ୍ଥାନରେ ଥିବା ଝୁଲବାବା ମଠର ସବୁଜବଳୟ ଏବେ ସମ୍ପୂର୍ଣ୍ଣ ଭାବରେ ନଦୀଗର୍ଭରେ ମିଶିଯିବା ଆଶଙ୍କା ସୃଷ୍ଟି ହୋଇଛି। କିଛି ସପ୍ତାହ ମଧ୍ୟରେ ଏହି ନଦୀପଠା ପ୍ରାୟ ୨୦୦ ମିଟରରୁ ଅଧିକ ଲମ୍ବରେ ଅତଡା ଖସିବା ଦ୍ୱାରା ନଦୀ ଦକ୍ଷିଣ ମୁହାଁ ହେବାରେ ଲାଗିଛି। ନଦୀ ଗତିପଥ ଦକ୍ଷିଣ ମୁହାଁ ହେବାଦ୍ୱାରା ଆଗାମୀ ଦିନରେ ନଦୀ ସୀମା ତାଳଦଣ୍ଡା କେନାଲବନ୍ଧକୁ ଲାଗିଯିବ। ସୀମା ତାଳଦଣ୍ଡା କେନାଲକୁ ସ୍ପର୍ଶ କଲେ ବନ୍ୟା ସମୟରେ କେନାଲ ବନ୍ଧ ପ୍ରତି ବିପଦ ଦେଖାଦେବ। ଏବେ ନଦୀ ଦକ୍ଷିଣମୁହାଁ ହେଉଥିବାରୁ ଦକ୍ଷିଣ ଦିଗରେ ରହିଥିବା ପୁରାତନ ଝୁଲବାବାମଠ ନଦୀଗର୍ଭରେ ଲୀନହେବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ନଦୀପଠା ଅତଡା ଖାଇ ଏବେ ମଠର ପରିସୀମାକୁ ଲାଗି ଆସିଲାଣି। ମଠ ପରିସରରେ ରହିଥିବା ବହୁ ମୂଲ୍ୟବାନ ଗଛ ଏବେ ନଦୀଗର୍ଭକୁ ଚାଲିଗଲାଣି। ବହୁ ବଡ ତାଳଗଛ ସମେତ ଆମ୍ବ, ପଣସ, ତେନ୍ତୁଳି, ଶାଳ ଗଛ ଇତ୍ୟାଦି ଉପୁଡିଯାଇ ଏବେ ନଦୀରେ ଭାସିଗଲାଣି। ଏହି ସ୍ଥାନରେ ନଦୀପଠା ସୁରକ୍ଷା ପାଇଁ ପଥର ପ୍ୟାକିଂ କରାଯିବାକୁ ଦୀର୍ଘ ଦିନ ହେବ ଦାବି ହୋଇଆସୁଛି। ଅଥଚ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ସ୍ଥାନୀୟ ଜନପ୍ରତିନିଧି ଏଦିଗରେ ସ୍ୱର ଉଠାଉନାହାନ୍ତି। ପୂର୍ବ ବର୍ଷରେ ନଦୀରୁ ଅବାଧ ବାଲି ଉଠାଣ ଯୋଗୁ ନଦୀ ଗତିପଥ ବଦଳାଉଥିବା ଅଭିଯୋଗ ହେଉଛି। ନଦୀଗର୍ଭରୁ ଚଳିତବର୍ଷ ବାଲି ଉଠାଣ ବନ୍ଦ କରିବା ଦିଗରେ ତହସିଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏଥିସହିତ ଝୁଲବାବା ମଠର ସୁରକ୍ଷା ପାଇଁ ମଠର ଚତୁଃପାର୍ଶ୍ୱରେ ପଥର ପ୍ୟାକିଂ କରାଯିବା ଦିଗରେ ଜଳସମ୍ପଦ ବିଭାଗ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଓ ଜନ ପ୍ରତିନିଧିମାନେ ଏଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କୁ ପଚାରିବାରେ ସେ କହିଥିଲେ, ଏଦିଗରେ ଆମ ନିକଟରେ କୌଣସି ଖବର ନାହିଁ। ଲିଖିତ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ।



ଖାଇଯାଇଥିବା ନଦୀ ଅତଡ଼ା।

- ନଦୀଗର୍ଭକୁ ଚାଲିଯିବ ଝୁଲବାବା ମଠ
- ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୩/୨୦୧୯ Bhubaneswar, Monday, December 23/ 2019

## ସଂକ୍ଷେପରେ

### ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟ୍

**ନରାଜ,୨୨।୧୨(ଡି.ଏନ୍.ଏ.)-** ବାରଙ୍ଗ ଥାନା ନରଣପୁର ଗ୍ରାମସ୍ଥିତ ବାଲିଘାଟ ଅଫିସ କାର୍ଯ୍ୟାଳୟରୁ ରବିବାର ୫ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପ୍ରତିଦିନ ଭଳି ବାଲିଘାଟର ଅଫିସ କାର୍ଯ୍ୟାଳୟରେ ସୁନୀଲ କୁମାର ସାମଲ, ଶଙ୍କର ଓ ବନୁ ପାଳ ରାତି ଡ୍ୟୁଟିରେ ଥିଲେ। ଏହି କାର୍ଯ୍ୟାଳୟର ଗୋଟିଏ ଘରେ ଡ୍ରାଇଭରମାନେ ଶୋଇଥିଲେ। ଭୋର ସମୟରେ ଦୁର୍ବୃତ୍ତ ମୁହଁରେ ରୁମାଲ ଓ ମୁଣ୍ଡରେ ହେଲମେଟ ପିନ୍ଧି ସେଠାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେକ ସୁନୀଲଙ୍କୁ ବନ୍ଧୁକ ଦେଖାଇଥିବା ବେଳେ ଅନ୍ୟ ସହଯୋଗୀ ଅଫିସ୍‌ର ଏକ ଝରକା ଭାଙ୍ଗି ଭିତରେ ପଶିଥିଲେ। ଦୁର୍ବୃତ୍ତମାନେ ଅଫିସ୍‌ର ଏକ ଡ୍ରରୁ ଟଙ୍କା ଲୁଟି ନେବା ସହ କାନ୍ଥକୁ ଏକ ରାଉଣ୍ଡ ଗୁଳିଚାଳନା କରିଥିଲେ। ପରେ ଡ୍ରାଇଭରଙ୍କ ସମେତ ରାତି ଡ୍ୟୁଟିରେ ଥିବା କର୍ମଚାରୀଙ୍କ ମୋବାଇଲ ଲୁଟି ନେଇଥିଲେ। ଏଥିସହ କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭି କ୍ୟାମେରା ଭାଙ୍ଗି ମେଶିନ ସାଙ୍ଗରେ ନେଇଯାଇଥିଲେ। ସକାଳେ କର୍ମଚାରୀ କାଉଣ୍ଟର ପାଖ ଝରକାରେ ଏକ ଖୋକା ପଡିଥିବା ଦେଖିଥିଲେ। ଏନେଇ ସୁନିଲ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୨୨୧/ ୧୯)ରୁଜୁ କରି ତଦନ୍ତ ଜାରି ରଖିଛି ।

### ୨ ମୋବାଇଲ ଲୁଟେରା ଗିରଫ

**ପାରାଦୀପ,୨୨।୧୨(ସ୍ୱ.ପ୍ର.)-** ପାରାଦୀପ ଅଭୟଚାନ୍ଦପୁର ଥାନା ପୋଲିସ ରବିବାର ୨ ମୋବାଇଲ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ.୧୦୩/୧୯) ରୁଜୁ ହୋଇଛି। ଉଭୟଙ୍କଠାରୁ ୫ ମୋବାଇଲ ଜବତ କରିଛି ପୋଲିସ। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଝିମାଣୀ ଗ୍ରାମର ଧନୁ ସେଠୀ ଓ ପ୍ରଶାନ୍ତ ସ୍ୱାଇଁ। ଅଭିଯୁକ୍ତମାନେ ୨୦ ତାରିଖରେ ଡାଳିମପୁର ଗ୍ରାମର ପ୍ରମୋଦ କୁମାର ସ୍ୱାଇଁଙ୍କ ଘରୁ ଝରକାବାଟେ ୨ ମୋବାଇଲ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଉଦ୍ଧାର ୫ ମୋବାଇଲ ମଧ୍ୟରୁ ଗୋଟିଏ ପ୍ରମୋଦଙ୍କ ହୋଇଥିବା ବେଳେ ଅନ୍ୟ ୪ ଟି ଚୋରି ମୋବାଇଲ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ଘରୁ ଚୋରି କରିବା ସହ ରାସ୍ତାରେ ଯାଉଥିବା ବାଟୋଇଙ୍କ ଠାରୁ ବଳପୂର୍ବକ ମୋବାଇଲ ଲୁଟିଥାନ୍ତି। ତାଙ୍କୁ ସାଇବର ସେଲ ଜରିଆରେ ଠାବ କରାଯାଇଥିବା ସୂଚନା ମିଳିଛି।

ରେଳ ଧାରଣାରୁ ମଦ ଦୋକାନ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ଘଟଣା

# ଯୋଜନାବଦ୍ଧ ହତ୍ୟା ନେଇ ଏସ୍‌ପିଙ୍କୁ ଅଭିଯୋଗ

- ତିର୍ତ୍ତୋଲ ଥାନାରେ ରୁଜୁ ହେଲା ମାମଲା
- ମଦ ଦୋକାନୀ, ପୁତୁରା ଓ ଅନ୍ୟ ଜଣେ କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ

**ଜଗତ୍‌ସିଂହପୁର ଅଫିସ, ୨୨।୧୨**

ତିର୍ତ୍ତୋଲ ଗୋପିଆକୁଦସ୍ଥିତ ସରକାରୀ ଦେଶୀ ମଦ ଦୋକାନରେ କାମ କରୁଥିବା ଅମୀନ ସେଠୀ(୩୫) ନାମକ ଯୁବକଙ୍କ ମୃତଦେହ ଶନିବାର ରେଳଧରଣାରୁ ଉଦ୍ଧାର କରାଯାଇଥିଲା। ୨୦ ତାରିଖ ଅପରାହ୍ନରେ ତାଙ୍କଠାରୁ ୫,୫୬,୦୦୦ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗର ୧୨ ଘଣ୍ଟା ଭିତରେ ତାଙ୍କ ମୃତ୍ୟୁ ଖବର ମିଳିଥିଲା। ଅମୀନଙ୍କ ମୃତଦେହ ଥାନା ଅଧୀନ ନିମକଣା ପାସେଞ୍ଜର ହଲ୍ଟ (ପିଏଚ୍) ନିକଟ ରେଳ ଧାରଣାରେ ପଡ଼ିଥିଲା। ଏ ସମ୍ପର୍କରେ ଅମୀନଙ୍କ ବଡ ଭାଇ ଫକୀର ରବିବାର ଏସ୍‌ପିଙ୍କୁ ସାକ୍ଷାତ କରି ହତ୍ୟା ଅଭିଯୋଗ କରିଛନ୍ତି। ସେ ମଦ ଦୋକାନ ପରିଚାଳନା ଦାୟିତ୍ୱରେ ଥିବା ବାଲିକୁଦା ଅଞ୍ଚଳର ଶରତ ନାୟକ, ତାଙ୍କ ପୁତୁରା ପ୍ରକାଶ ନାୟକ ଓ ମଦ ଦୋକାନର ଅନ୍ୟତମ ସେଲ୍‌ସ ମ୍ୟାନ୍ ଖୁଟୁରା ସେଠୀଙ୍କ ଆଡକୁ ଗୁଳି ନିର୍ଦ୍ଦେଶ କରିଛନ୍ତି। ଯୋଜନାବଦ୍ଧ ଭାବେ ତାଙ୍କ ଭାଇଙ୍କୁ ଏହି ତିନିହେଁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବା ପାଇଁ ରେଳ ଧାରଣାରେ ପକାଇ ଦେଇଥିଲା ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଅଭିଯୋଗର ଗମ୍ଭୀରତା ଦୃଷ୍ଟିରୁ ଏ ସମ୍ପର୍କରେ ମାମଲା ରୁଜୁ କରିବା ପାଇଁ ତିର୍ତ୍ତୋଲ ଥାନା ଆଇଆଇସିଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେବାପରେ ତିର୍ତ୍ତୋଲ ପୋଲିସ ମାମଲା (୩୮୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଫକୀରଙ୍କ ଅଭିଯୋଗ ଅନୁଯାୟୀ, ମଦ ଦୋକାନଟି କେନ୍ଦ୍ରାପଡ଼ା ଅଞ୍ଚଳର ବନ୍ଦନା ସାହୁଙ୍କ ନାଁରେ ରହିଛି। କିନ୍ତୁ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି ବାଲିକୁଦା ତିହୁଡ଼ି ଅଞ୍ଚଳର ଶରତ ନାୟକ। ୫ ବର୍ଷ ପୂର୍ବେ ଅମୀନଙ୍କୁ ଶରତଙ୍କ ପୁତୁରା ମଦ ଦୋକାନରେ ସେଲ୍ସ ମ୍ୟାନ୍ ଚାକିରି ଦେବାରେ ସହାୟତା କରିଥିଲେ। ୨/୩ ମାସ ହେବ କୌଣସି କାରଣରୁ ପ୍ରକାଶଙ୍କୁ ତାଙ୍କ ଦାଦା ଶରତ ଟଙ୍କା ହେରଫେର ଅଭିଯୋଗରେ ଦୋକାନରୁ ବାହାର କରି ଦେଇଥିଲେ। କିନ୍ତୁ ବ୍ୟାଙ୍କରୁ ଟଙ୍କା ଆଣିବା ନେବା ଦାୟିତ୍ୱ ଅମୀନଙ୍କ ଉପରେ ନ୍ୟସ୍ତ କରିଥିଲେ। ମଦ ଦୋକାନରେ ଖୁଟୁରା ସେଠୀ ନାମକ ଆଉ ଜଣେ ସେଲ୍ସ ମ୍ୟାନ୍ ଅଛନ୍ତି। ପ୍ରକାଶଙ୍କ ସହ ଖୁଟୁରାଙ୍କ ସମ୍ପର୍କ ଭଲ। ୨୦ ତାରିଖ ଅପରାହ୍ନ ପ୍ରାୟ ୨ଟା ବେଳେ ଅମୀନ ମଦ ଦୋକାନରୁ ଟଙ୍କା ନେଇ ଜମା କରିବାକୁ ବାଲିକୁଦାସ୍ଥିତ ଶରତଙ୍କ ଘର ପାଖ ବ୍ୟାଙ୍କ ଶାଖାକୁ ଯାଉଥିଲେ। ବାଟରେ ୨ ଯୁବକ ବନ୍ଧୁକ ଦେଖାଇ ତାଙ୍କ ଠାରୁ ଟଙ୍କା ଲୁଟି ନେଇଥିଲେ। ପରେ ଅମୀନ ତିର୍ତ୍ତୋଲ ଥାନାରେ ଅଭିଯୋଗ କଲାପରେ ମାମଲା ରୁଜୁ ହୋଇଥିଲା। ଅପରାହ୍ନରେ ଅମୀନଙ୍କୁ ଧରି ପୋଲିସ ଲୁଟ୍ ସ୍ଥାନ ଯାଇ ତଦନ୍ତ କରିଥିଲା। ଶେଷରେ ଅମୀନଙ୍କୁ ମଦ ଦୋକାନରେ ଛାଡି ଦେଇଥିଲା। ରାତିରେ ସେ ମଦ ଦୋକାନରେ ରହିଥିଲେ। ଅମୀନଙ୍କ ମୋବାଇଲ ନ ଥିବାରୁ ରାତି ପ୍ରାୟ ୧୧ଟା ବେଳେ ସେ ଖୁଟୁରାଙ୍କ ଫୋନ୍‌ରୁ କଲ୍ କରିଥିଲେ। ମୋତେ ଷଡ଼ଯନ୍ତ୍ର, କହିଥିବା ବେଳେ ଆଉ କିଛି ଶୁଭି ନ ଥିଲା। କେହି ତାଙ୍କ ହାତରୁ ଫୋନ୍ ଛଡାଇ ନେବା ଭଳି ଅନୁଭବ ହୋଇଥିଲା। ଏହା ତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ଭୋରୁ ଅମୀନ ରହୁଥିବା ଘରେ ପହଞ୍ଚିଲା ପରେ ଘର ଭିତର ଓ ବାହାର ଧୂଆ ହୋଇଥିବା ଦେଖା ଯାଇଥିଲା। କିନ୍ତୁ ଘରେ କେହି ନ ଥିଲେ। ଖୁଟୁରାଙ୍କୁ ଫୋନ୍ କରିବାରୁ ରାତି ୩ଟାରୁ ତୁମ ଭାଇ କୁଆଡେ ଚାଲି ଯାଇଛନ୍ତି। ତେଣୁ ତାଙ୍କୁ ଖୋଜିବାକୁ ସେ ବୁଲୁଥିବା କହିଥିଲେ। ତେବେ ଘରକୁ ଫେରି ଯାଆନ୍ତୁ। ଖବର ପାଇଲା ପରେ ଫୋନ୍ କରିବି ବୋଲି କହିଥିଲେ। ଦିନ ପ୍ରାୟ ୧୧ଟାରେ ଖୁଟୁରା ଫୋନ କରି ଅମୀନଙ୍କ ମୃତଦେହ ନିମକଣା ନିକଟ ରେଳ ଧାରଣାରେ ପଡିଥିବା ସୂଚନା ଦେଇଥିଲେ। ଏଥିରେ ସେମାନେ ହତବାକ୍ ହେବା ସହ ସରପଞ୍ଚ ଓ ଅନ୍ୟମାନଙ୍କୁ ଧରି ନିମକଣା ଯାଇଥିଲେ। କିନ୍ତୁ ମୃତଦେହ ନିକଟରେ କେହି ନ ଥିବା ଦେଖିବାକୁ ମିଳିଥିଲା। ଏହାପରେ ସେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ଥାନା ଅଧିକାରୀ ଅଭିଯୋଗ ଗ୍ରହଣ କରି ନ ଥିଲେ ବୋଲି ଫକିର ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, କଟକ ଜିଆର୍‌ପି ପକ୍ଷରୁ ଏ ସମ୍ପର୍କରେ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଆର୍‌ପି ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବତୀଙ୍କ ଘରେ ଧସେଇ ପଶିଲେ ଯବାନ

- ଆତ୍ମହତ୍ୟା ଧମକ, ୫ ଘଣ୍ଟା ନାକେଦମ ହେଲା ପୋଲିସ
- ବେଆଇନ ବନ୍ଧୁକ, କ୍ୟାଟ୍ରିଜ୍ ଓ ୩ ଗୁଳି ଜବତ

**ରସୁଲପୁର, ୨୨।୧୨ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭାରତୀୟ ସୈନ୍ୟ ବାହିନୀରେ କାର୍ଯରତ ଜଣେ ଯବାନ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କ ଘରେ ଜବରଦସ୍ତି ପସି ତାଙ୍କୁ ବାହା ହେବାକୁ ଜିଦ୍ ଧରିବା ଓ ଆତ୍ମହତ୍ୟା ଧମକ ଦେବା ପରେ ପୋଲିସ ତାଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ସମ୍ପୃକ୍ତ ଯବାନଙ୍କ ଘର ଯାଜପୁର ସଦର ଥାନା ଅଧୀନ ସୁଜନପୁର ଗ୍ରାମରେ।

ପ୍ରକାଶ ଯେ, ଯବାନ ଜଣକ ଅପରାହ୍ନ ପ୍ରାୟ ୩ଟା ବେଳେ ସମ୍ପୃକ୍ତା ଯୁବତୀଙ୍କ ଘରେ ଜବରଦସ୍ତି ପଶିବା ସହ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ଯୁବତୀ ଓ ତାଙ୍କ ପରିବାର ଲୋକେ ଏହାର ବିରୋଧ କରିବାକୁ ସେ ସାଙ୍ଗରେ ନେଇଥିବା ବନ୍ଧୁକ ବାହାର କରି ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। କୌଣସି ସୂତ୍ରରୁ ଖବରପାଇ ଧର୍ମଶାଳା ଥାନା ପୋଲିସ ସେଠାରେ ପହଞ୍ଚି ଯବାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ ପ୍ରାୟ ୫ଘଣ୍ଟା ନାକେଦମ ହେବା ପରେ ପୋଲିସ ତାଙ୍କୁ କାବୁ କରିବା ସହ ଥାନାକୁ ନେଇ ପଚରାଉଚୁରା ଚଳାଇଛି। ଏଥିସହ ଯବାନଙ୍କଠାରୁ ଏକ ବେଆଇନ ବନ୍ଧୁକ, ଏକ କ୍ୟାଟ୍ରିଜ୍ ଓ ୩ଟି ଗୁଳି ଜବତ କରାଯାଇଥିବା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ସୂଚନାଥାଉ କି, ସମ୍ପୃକ୍ତା ଯୁବତୀଙ୍କ ବାହାହେବାକୁ ଜିଦ୍ କରି ଯବାନ ଜଣକ ୬ମାସ ତଳେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

# ଭାଣିଜୀଙ୍କୁ ବଳାତ୍କାର କରି ଜେଲ ଗଲେ ମାମୁ

**ଛତିଆ, ୨୨।୧୨(ଡିଏନ୍ଏ)**

ବଡ଼ଚଣା ଥାନା ଶକୁନ୍ତଳାପୁର ଗ୍ରାମର ଜଣେ ଯୁବକ ନିଜ ସମ୍ପର୍କୀୟ ଭାଣିଜୀଙ୍କୁ ବଳାତ୍କାର କରି ଜେଲ ଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଶକୁନ୍ତଳାପୁର ଗ୍ରାମର ଜଣେ ନାବାଳିକା(୧୭) ତାଙ୍କ ମାମୁଘର ବୈରୀ ଥାନା ଚମ୍ପାପୁର ଗ୍ରାମରେ ରହୁଥିଲେ। ଶକୁନ୍ତଳାପୁର ଗ୍ରାମର ସୁବର୍ଣ୍ଣ ରଣା (୨୬) ନାମକ ଜଣେ ଯୁବକ ନାବାଳିକାଙ୍କର ହିସାବରେ ମାମୁ ହେଉଥିବାବେଳେ ସେ ମଧ୍ୟ ଚମ୍ପାପୁର ଗ୍ରାମର ତାଙ୍କ ସମ୍ପର୍କୀୟ ଘରକୁ ଯିବା ଆସିବା କରୁଥିଲେ। ୧୨ ତାରିଖ ସନ୍ଧ୍ୟାରେ ନାବାଳିକାଙ୍କ ଦେହ ଅସୁସ୍ଥ ହେବାରୁ ମାମୁ ସୁବର୍ଣ୍ଣ ତାଙ୍କୁ ସନ୍ଧ୍ୟାରେ ଡାକ୍ତରଖାନା ନେଇଥିଲେ। ଏହି ସମୟରେ ସୁଯୋଗ ପାଇ ସେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଫେରି ଆଈଙ୍କ ଆଗରେ ସମସ୍ତ ଘଟଣା ପ୍ରକାଶ କରିଥିଲେ। ଏହାପରେ ନାବାଳିକାଙ୍କ ମା'ବୈରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୧୮୧/୧୯) ରୁଜୁ ତଦନ୍ତ ଚଳାଇଥିଲା। ସେହିଦିନଠାରୁ ସୁବର୍ଣ୍ଣ ଫେରାର୍ ହୋଇଯାଇଥିଲେ। ଶନିବାର ରାତିରେ ବୈରୀ ପୋଲିସ ତାଙ୍କ ଘର ଉପରେ ଚଢାଉ କରି ସୁବର୍ଣ୍ଣଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା ପରେ ସୁବର୍ଣ୍ଣଙ୍କୁ ରବିବାର ଚଣ୍ଡିଖୋଲ କୋର୍ଟକୁ ପଠାଯାଇଥିଲା। କୋର୍ଟ ଜାମିନ୍ ନାମଞ୍ଜୁର କରି ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

# କରାଟେ ଚାମ୍ପିୟନଶିପ



ଅତିଥିଙ୍କ ଗହଣରେ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ପାରାଦୀପ, ୨୨।୧୨(ସ୍ୱ.ପ୍ର.)**

ସ୍ଥାନୀୟ ପିପିଏଲ୍‌ସ୍ଥିତ ବହୁମୁଖୀ ଗୋଷ୍ଠୀଗୃହ ପରିସରରେ ରବିବାର ୧୧ତମ କରାଟେ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କରାଟେ ସଂଘ ଓ ପାରାଦୀପ କରାଟେ ସଂଘ ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନଶିପରେ ପାରାଦୀପର ବିଭିନ୍ନ ସ୍କୁଲରୁ ୧୦୯ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ଏଥିରେ ଅତିଥିଭାବେ ପିପିଏଲ୍ ସିକ୍ୟୁରିଟି ଅଫିସର ଏ.କେ ଆଚାର୍ଯ୍ୟ, ଭୁବନ ରାଉତ, ରାଜ୍ୟ କରାଟେ ସଂଘ ସମ୍ପାଦକ ଆର.କେ. ପ୍ରଧାନ ଯୋଗଦେଇଥିଲେ। କରାଟେ ପ୍ରଶିକ୍ଷକ କାହ୍ନୁ ମଲ୍ଲିକ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ଏକାଧିକ ଛାତ୍ରୀଛାତ୍ରଙ୍କୁ ବ୍ଲାକ ବେଲ୍ଟ ମିଳିଥିଲା। କ୍ଷୀରୋଦ ଓଝା ଓ ଅନ୍ୟମାନେ ଏହାକୁ ସଞ୍ଚାଳନ କରିଥିଲେ।

### ସନ୍ତୋଷୀ ମା'ଙ୍କ ମନ୍ଦିରରୁ ଚୋରି

**ନରସିଂହପୁର,୨୨।୧୨ (ଡିଏନଏ)**

ନରସିଂହପୁର ଥାନା ଜଗନ୍ନାଥ ପ୍ରସାଦ ପାଟଣା ଛକ ନିକଟ ସନ୍ତୋଷୀ ମା'ଙ୍କ ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ତାଲା ଭାଙ୍ଗି ସୁନା, ରୂପା ଓ ପିତଳ ସାମଗ୍ରୀ ସହ ଅନ୍ୟାନ୍ୟ ଜିନିଷ ଲୁଟି ନେଇଛନ୍ତି । ସକାଳୁ ପୂଜା କରିବାକୁ ଆସି ମନ୍ଦିର ତାଲା ଭାଙ୍ଗିଥିବା ଦେଖି ପୂଜାରୀ ନିରଞ୍ଜନ ଏସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ସହ ଥାନାରେ ଖବର ଦେଇଥିଲେ। ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ପହଞ୍ଚି ତଦନ୍ତ କରିବା ପରେ ମାମଲା(ନଂ.୧୫୮/୧୯) ରୁଜୁ କରିଛନ୍ତି।

### ୨ୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

### ଅଭିଯୁକ୍ତ ଥାନାରେ ଅଟକ

**ନିଶ୍ଚିନ୍ତକୋଇଲି, ୨୨।୧୨(ସ୍ୱ.ପ୍ର.)–** ଥମୁନାହିଁ ଲଜ୍ଜା, ସରକାର ଆଇନ ଯେତେ କଡ଼ାକଡି କଲେ ମଧ୍ୟ ଦିନକୁ ଦିନ ବଳାତ୍କାର ମାମଲା ବୃଦ୍ଧି ପାଇବା ଲାଗିଛି। କଟକ ଜିଲା ନେମାଳ ଥାନା ଅଞ୍ଚଳରେ ୨ୟ ଶ୍ରେଣୀରେ ପଢୁଥିବା ଜଣେ ୬ ବର୍ଷର ନାବାଳିକାଙ୍କୁ ବଳତ୍କାର ଉଦ୍ୟମ ହୋଇଛି। ଏନେଇ ରବିବାର ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୧୩୩/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ଶନିବାର ଘରେ ଏକାଥିବା ବେଳେ ନିକଟରେ ରହୁଥିବା ଅଭିଯୁକ୍ତ ତାଙ୍କ ଘରକୁ ଯାଇ ବଳତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ପୀଡିତାଙ୍କ ଜଣେ ସମ୍ପର୍କୀୟ ଘରକୁ ପଶିଯିବାରୁ ଅଭିଯୁକ୍ତ ଘର ପଛ ବାଟଦେଇ ଚାଲିଯାଇଥିଲେ। ଏନେଇ ପୀଡିତା ଜେଜମାଙ୍କୁ କହିବା ପରେ ନେମାଳ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୀଡିତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୩ ଡିସେମ୍ବର ,୨୦୧୯



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ



## ସଂକ୍ଷେପରେ

### ବିଜେଡିର ପ୍ରସ୍ତୁତି ବୈଠକ

ବରୀ,୨୨।୧୨( ସ୍ୱପ୍ର): ବରୀ ବ୍ଲକ ଅଧୀନ ବରୀପାଳଠାରେ ରବିବାର ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ବିଜେଡି ଉପସଭାପତି ଆର୍ତ୍ତବନ୍ଧୁ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡି ନେତା ଦେବେନ୍ଦ୍ର ଦାସ ଯୋଗଦେଇ ଆସନ୍ତା ୨୬ ତାରିଖ ଅଟିରା ପଞ୍ଚାୟତ ସ୍ଥିତ ସନ୍ଥନମଠ ନିକଟରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରାଯିବ ବୋଲି କହିଥିଲେ। ବୈଠକରେ ୨୯ ପଞ୍ଚାୟତରୁ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ପ୍ରତିଷ୍ଠା ଦିବସକୁ ଧୁମଧାମରେ ପାଳନ କରିବାକୁ ଆହ୍ୱାନ କରିଥିଲେ। ଏହି ଦିବସରେ ବିଧାୟିକା ସୁନନ୍ଦା ଦାସ, ବିଜେଡି ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ଘଡେଇ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଯୋଗଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ବୈଠକରେ ନୀଳମଣି ସାମଲ, ସମୀର ମଲ୍ଲିକ, ଗୌରବ ଦାସ, ରବୀନ୍ଦ୍ର ବେହେରା, ପ୍ରଦୀପ ଘଡେଇ, ପ୍ରବିର ଜେନା, ବିଭୁତି ସାହୁ ପ୍ରମୁଖ ବରିଷ୍ଠ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ବାକ୍ସ ବଣ୍ଟନ

ଯାଜପୁର ଅଫିସ,୨୨।୧୨:ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ଗ୍ରାମୀଣ ସ୍ନେହ ଫାଉଣ୍ଡେଶନ ରାମବାଗ ପକ୍ଷରୁ ଟିଣ ବାକ୍ସ ରବିବାର ବଣ୍ଟନ କରାଯାଇଛି। ସହକାରୀ ଜିଲାପାଳ ତରଣିସେନ୍ ପଟ୍ଟନାୟକ, ବରିଷ୍ଠ ଖବରଦାତା ଆନନ୍ଦଚନ୍ଦ୍ର ସାହୁ ଏହି ଉତ୍ସବରେ ଅତିଥିଭାବେ ଯୋଗଦେଇ ଅନ୍ତେବାସୀଙ୍କୁ ବାକ୍ସ ବଣ୍ଟନ କରିଛନ୍ତି। ଫାଉଣ୍ଡେଶନ୍ ସଂଯୋଜକ ଅରୁଣ କୁମାର ରାଉତରାୟ ପ୍ରାରମ୍ଭିକ ସୂଚନା ଦେଇ ଅନ୍ତେବାସୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ ୫୨ଟି ଟିଣ ବାକ୍ସ ଯୋଗାଇ ଦେଇଥିବା ସୂଚନା ଦେଇଥିଲେ। ବାଳାଶ୍ରମର ତତ୍ତ୍ୱାବଧାରିକା ପ୍ରଜ୍ଞାସେନୀ ସାହୁ, ଅସୀମା ଚକ୍ର, ଜଗନ୍ନାଥ ମିଶ୍ର, ପ୍ରିୟରଞ୍ଜନ ପଣ୍ଡା, ସନ୍ତୋଷ କୁମାର ସାହୁଙ୍କ ସମେତ ଫାଉଣ୍ଡେଶନ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ ।

### ମୁଗୁପାଳ ହାଇସ୍କୁଲରେ ଗୁରୁପୂଜନ ଉତ୍ସବ

ରସୁଲପୁର, ୨୨।୧୨ (ଡି.ଏନ୍.ଏ.) : ରସୁଲପୁର ବ୍ଲକ ଅଧୀନ ମୁଗୁପାଳ ଉଚ୍ଚ ବିଦ୍ୟାଳୟରେ ରବିବାର ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପୁରାତନ ଓ ବର୍ତ୍ତମାନର ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଧେଶ୍ୟାମ ମିଶ୍ର, ବାମଦେବ ସାହାଣୀ, ଶିକ୍ଷକ ରତ୍ନାକର ଷଡ଼ଙ୍ଗୀ, ସୁନାକର ସାହୁ, କୁଳମଣି ସାହୁ, କୃଷ୍ଣଚନ୍ଦ୍ର ଦାସ, ସୁଧାକର ନାୟକ, ଦାମୋଦର କର, ପ୍ରଭାକର ଭଦ୍ର, ହରିହର ପାଣି, ନିରଞ୍ଜନ ରଥ, ବାସୁଦେବ ଜେନା, ସେକ୍ ରସୁଲ ବକ୍ସ, ପ୍ରମୋଦ କୁମାର ଦାସ, କିରାଣୀ ବିଷ୍ଣୁଚରଣ ପଣ୍ଡା, ପ୍ରଫୁଲ୍ଲ ଗୋଚ୍ଛାୟତ, କାର୍ତ୍ତିକ ବେହେରା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଦେବେନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଧର ବାଭି ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ଦିଲୀପ କୁମାର ରାଉତ, ଅଭିରାମ ସେଠୀ, ନରେନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ସାହୁ, ଶରତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୈତରଣୀ ନଦୀର ସାଆଁଳା ବାଲିଘାଟ

# ଏନ୍‌ଜିଟି ନିର୍ଦ୍ଦେଶକୁ ବେଖାତିର

ଯାଜପୁର ଅଫିସ,୨୨।୧୨



■ଚୁକ୍ତିର ଉଲ୍ଲଂଘନ

■ମେଶିନରେ ହେଉଛି ବାଲି ଉତ୍ତୋଳନ

ନଦୀପଠାରୁ ବାଲି ଉତ୍ତୋଳନରେ ମେଶିନ ବ୍ୟବହାର ହୋଇପାରିବ ନାହିଁ। କୌଣସି ମେଶିନ ବ୍ୟବହାର ହେଉଥିଲେ ତାହାକୁ ଜବତ କରିବା ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ୨୦୧୭ ଏପ୍ରିଲ ୨୮ରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା। ଯାଜପୁର ଜିଲା ଦେଇ ପ୍ରବାହିତ କୋରେଇ ବ୍ଲକ ସାଆଁଳା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ମାମଲା (ନଂ.୧୬୨/୨୦୧୬/ଇଜେଡ)ର ଶୁଣାଣି କରି ଏନ୍‌ଜିଟି ଏହି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମାମଲାର ସବିଶେଷ ତଦନ୍ତ କରିବାକୁ ଏନ୍‌ଜିଟି ପରାମର୍ଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶକୁ ବାଲି ମାଫିଆମାନେ ଖାତିର କରିନାହାନ୍ତି। ଜିଲା ରାଜସ୍ୱ ଓ ପୋଲିସ ପ୍ରଶାସନ ସହଯୋଗରେ ବିଭିନ୍ନ କ୍ଷମତାର ମେଶିନ ଲଗାଇ ଲିଜ୍ ଅନୁମତିଠାରୁ ଦୈନିକ ଟନଟନ ଅଧିକ ବାଲି ଉତ୍ତୋଳନ କରାଯାଉଛି।

ବୈତରଣୀ ନଦୀ ପାର୍ଶ୍ୱ କୋରେଇ ବ୍ଲକ ଇଚ୍ଛାପୁର ଗ୍ରାମର ଅନନ୍ତଚରଣ ଦାସ, ସାଆଁଳ ଗ୍ରାମର ଶରତଚନ୍ଦ୍ର ମହାପାତ୍ର ଓ ମାନସ ମହାପାତ୍ର ବେଆଇନ ବାଲି ଘାଟ ଉପରେ ଅଭିଯୋଗ କରି ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ସାଆଁଳ ବାଲିଘାଟକୁ ମାନୁଆଲ (ହସ୍ତଚାଳିତ) ମାଇନିଂ ଲିଜ ପ୍ରଦାନ କରାଯାଇଛି। ହେଲେ ଲିଜଧାରୀ ଏହାର ଉଲ୍ଲଂଘନ କରି ମେକାନିକାଲ (ଯନ୍ତ୍ରଚାଳିତ) ଖଣିରେ ପରିଣତ କରିଛନ୍ତି। ଯାହାକି ବୈତରଣୀ ନଦୀରେ ସାଂଘାତିକ କ୍ଷତି ହେବାର ଆଶଙ୍କା ପ୍ରକାଶ ପାଇଛି। ଏହାସହ ଅନୁମତିଠାରୁ ବହୁ ଅଧିକ ପରିମାଣର ବାଲି ଉଠାଣ କରାଯାଉଛି। ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ହେବା ପରେ ୭।୨।୨୦୧୭ରେ ଯନ୍ତ୍ରଚାଳିତ ବାଲି ଖାଦାନ ଯଦି ଚାଲିଛି ତେବେ ତୁରନ୍ତ ମେଶିନ ଓ ଅନ୍ୟାନ୍ୟ ଯାନବାହାନକୁ ଜବତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜଷ୍ଟିସ ଏସ.ପି. ୱାଙ୍ଗଡି ଯାଜପୁର ଏସ୍‌ପି ଓ ବ୍ୟାସନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ୨ମାସ ଅତିକ୍ରମ କରିବା ପରେ ବି ଯାଜପୁର ଜିଲା ପୋଲିସ ଅବା ବ୍ୟାସନଗର ତହସିଲଦାର କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ଏହାପରେ ଅତିରିକ୍ତ ସରକାରୀ ଓକିଲ ଜନ୍ମେଜୟ କଟକିଆ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଇବା ପରେ ତତ୍କାଳୀନ ଯାଜପୁରରୋଡ ଏସ୍‌ଡିପିଓ ଯୁଗଳକିଶୋର ଦାସ ଏବଂ ଅମିନ ରାମଚନ୍ଦ୍ର ପ୍ରଧାନ ଲିଜ ବାଲିଘାଟକୁ ଯାଇ ତଦନ୍ତ କରିଥିଲେ। ତଦନ୍ତରେ ଦେବେନ୍ଦ୍ର ଘଡେଇଙ୍କୁ ବୈତରଣୀ ନଦୀର ସାଆଁଳ ମୌଜାର ୧୨.୫୦ ଏକର ପରିମିତ ଅଞ୍ଚଳରେ ପ୍ଲଟ ନମ୍ବର ୦୨/୨୪୮୮, ୨ ଓ ଖାତା ନମ୍ବର ୩୦୧ ରେ ହସ୍ତଚାଳିତ ବାଲି ଖାଦାନ ପାଇଁ ଲିଜ ଦିଆଯାଇଛି। ଲିଜଧାରୀ ଯନ୍ତ୍ରଚାଳିତଭାବେ ବାଲି ଉଠାଣ କରୁଥିବା ତଦନ୍ତରେ ଜଣାପଡିଥିଲା। ତେଣୁ କୋରେଇ ପୋଲିସ ସହାୟତାରେ ୪।୩।୨୦୧୭ ସକାଳେ ବାଲି ଖାଦାନ ଉପରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ପ୍ରୋକଲିନ ସହାୟତାରେ ବାଲି ଉଠାଣ ହେଉଥିବା ଦେଖିବାକୁ ମିଳିଥିଲା। ଏହାସହ ଦୁଇଟି ଡମ୍ପର (ନଂ. ଓଆର-୦୯-କେ-୯୮୮୨ ଏବଂ ଓଆର-୦୯-ଏଫ-୬୪୪୨) ସେଠାରେ ମିଳିଥିଲା। ତେଣୁ ପ୍ରୋକଲିନ ମେଶିନ ଓ ବାଲି ବୋଝେଇ ୨ଟି ଡମ୍ପରକୁ ଘଟଣାସ୍ଥଳରୁ ଜବତ କରାଯାଇଥିଲା। ଏହାପରେ ବ୍ୟାସନଗର ତହସିଲଦାରଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେଇ ପରବର୍ତ୍ତି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଗ୍ରୀନ ଟ୍ରିବ୍ୟୁନାଲଙ୍କ ରାୟ ଅନୁଯାୟୀ ଯନ୍ତ୍ରଚାଳିତ ବାଲିଖାଦାନ ଉପରେ ନିୟମିତଭାବେ ଚଢାଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ପୋଲିସର ରିପୋର୍ଟ ଅନୁଯାୟୀ ଲିଜଧାରୀଙ୍କୁ ପରବର୍ତ୍ତୀ ଦିନ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହି ମାମଲାର ଶୁଣାଣି କେବଳ କାଗଜପତ୍ରରେ ସୀମିତ ରହିଛି। ଏଥିଯୋଗୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏହାବାଦ ନଦୀ ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ଜୀବନଚର୍ଯ୍ୟା ଉପରେ ନକରାତ୍ମକ ପ୍ରଭାବ ପକାଉଛି। ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡଲାଇନ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। ଏ ସଂକ୍ରାନ୍ତରେ ବ୍ୟାସନଗର ଭାରପ୍ରାପ୍ତ ତହସିଲଦାର ସସ୍ମିତା ସ୍ୱାଇଁଙ୍କୁ ପଚାରିବାରୁ, ଏନ୍‌ଜିଟି ନିର୍ଦ୍ଦେଶ ସମୟରେ ସେ ଏଠାରେ ନ ଥିଲେ। ତେଣୁ ମାମଲା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। କାର୍ଯ୍ୟାଳୟରେ ସମ୍ପୃକ୍ତ କାଗଜପତ୍ର ଦେଖିବା ପରେ ସେ କିଛି କହିପାରିବେ। ତଥାପି ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଲେଖିକା ସଂସଦ ବାର୍ଷିକ ଉତ୍ସବରେ 'ପୂର୍ବରାଗ' ଲୋକାର୍ପଣ




ଅତିଥିମାନେ ପୂର୍ବରାଗ ପତ୍ରିକାକୁ ଲୋକାର୍ପଣ କରୁଛନ୍ତି।

କଳିଙ୍ଗନଗର,୨୨।୧୨(ଡିଏନଏ): ବ୍ୟାସନଗର ସହର ଉତ୍ସବ ପ୍ୟାଲେସ୍‌ଠାରେ ରବିବାର ଯାଜପୁର ଜିଲା ଲେଖିକା ସଂସଦ ୪ର୍ଥତମ ବାର୍ଷିକ ଉତ୍ସବ ପାଳନ କରିଛି। ଜିଲାରୁ ଓ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଲେଖିକା, ଲେଖକ ଏବଂ କବି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଲେଖିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ସ୍ୱାଗତ ଭାଷଣ ଦେବା ସହିତ ଅଧ୍ୟାପିକା ଧୀପ୍ରଭା ଦେବୀ, ବସନ୍ତ ମିଶ୍ର, ପ୍ରତିଭା ମହାରଥୀ, ଦୁଷ୍ମନ୍ତ କୁମାର ମହାପାତ୍ର ପ୍ରମୁଖଙ୍କୁ ନିମନ୍ତ୍ରଣ କରିଥିଲେ। ଅତିଥିଙ୍କୁ ସୁଶ୍ରୀ ଅଶାନ୍ତି ସାମଲ ପୁଷ୍ପଗୁଚ୍ଛ ଓ ସ୍ୱାଗତ ବ୍ୟାଚ୍ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅଧ୍ୟାପିକା ମାଙ୍ଗଳିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦ ସମ୍ପାଦିକା ବ୍ରଜେଶ୍ୱରୀ ସିଂହ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଅତିଥିଙ୍କ ଦ୍ୱରା 'ପୂର୍ବରାଗ' ପତ୍ରିକାର ସମ୍ପାଦକୀୟ ବିବରଣୀକୁ ଅଧ୍ୟାପିକା ରୀନା ମହାପାତ୍ର ଓ ଅଶାନ୍ତି ସାମଲ ଉନ୍ମୋଚନ କରିବା ସହିତ ମରିନା ମହାନ୍ତି କବିତା ପାଠ କରିଥିଲେ। ହେମଲତା ସିଂହ, ବିଜଲକ୍ଷ୍ମୀ ମହାପାତ୍ର, ଶ୍ରୀମତୀ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ କବିଙ୍କ ଦ୍ୱାରା 'ସମାଜ ଗଠନରେ ସାହିତ୍ୟ ଭୂମିକା' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତଲତା ଦାସ ସଭାପତିଙ୍କ ଅଭିଭାଷଣ ରଖିଥିବାବେଳେ ଶେଷରେ ଲବଙ୍ଗଲତା ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହେଶ୍ୱର ନାୟକ ସମେତ ଅସିଥିବା ଅନେକ କବୟିତ୍ରୀ ଓ କବିମାନେ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ଜୀବିକା ମିଶନର କର୍ମଶାଳା

ବରୀ,୨୨।୧୨( ସ୍ୱପ୍ର)

ବରୀ ବ୍ଲକ ବରୀ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଓଡିଶା ଜୀବିକା ମିଶନର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ବରୀ ବ୍ଲକର ପ୍ରଥମ ବୋଲି ଜଣାପଡିଛି। ଉକ୍ତ କର୍ମଶାଳାରେ ବିପିଏମ୍ ମାନସ କୁମାର ଦାସ, ପିଇଓ ପୂର୍ଣ୍ଣଚନ୍ଦ୍ର ନାୟକ, ସରପଞ୍ଚ ରମାକାନ୍ତ ମଲ୍ଲିକ, ସଭ୍ୟା ବିଜୟଲକ୍ଷ୍ମୀ ସେଠୀ, ରସୁଲପୁର ଓ ଦଶରଥପୁର ବ୍ଲକରୁ ଆସିଥିବା ତାଲିମପ୍ରାପ୍ତ ଗୋଷ୍ଠୀ ସହାୟିକାମାନେ ଯୋଗ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଓଡିଶା ଜୀବିକା ମିଶନର କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ ଏନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏଥିରେ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ

ବିଞ୍ଝାରପୁର,୨୨।୧୨(ଡି.ଏନ.ଏ)

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଶନିବାର ସନ୍ଧ୍ୟାରେ ବିଞ୍ଝାରପୁରରେ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀକୁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସମ୍ପାଦକ ସୟଦ ମୁଶିର ଆଲାମଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ଉତ୍କଳକେଶରୀ ମହାନ୍ତି, ଶରତ ଦାସ, ଅଶୋକ ସାହୁ, ଓସିଉଲ୍ଲା ଖାନ, ମହମ୍ମଦ ଇଜହାର, ଗୁଲାପ ଅଲ୍ଲୀ ଖାନ, ଜାଭେଦ ଇକବାଲ ଖାନ, ସୁଖରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ଉର୍ଦ୍ଦୁଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସର୍ବଭାରତୀୟସ୍ତରରୁ ଆସିଥିବା ଉର୍ଦ୍ଦୁ କବି ଶଦାବ ଆଜମୀ, ୱାରିସ ୱାରିସ, ଶାରଫ ନନପରଭି, ଅଖତାର ଅଜମୀ, ଇର୍ସାଦ ଆରଜୁ, ଟାପିକାଲ ଜଗତିୟାଅଲ୍ଲୀ, ଅହମ୍ମଦ ମେହରାଜ, ଜାଫର ଡାନିସ, ତୌଫିକ ସାଗର,ମୁସ୍ତାକ ଗୁହ୍ମାର, ମୁଜୀବ ମିକାସ ପ୍ରମୁଖ ଏହି ଉର୍ଦ୍ଦୁ କବି ସମ୍ମିଳନୀରେ ଯୋଗଦେଇ ସେମାନଙ୍କ ସମାଜିକ ସଚେତନ ସମ୍ପର୍କିତ କବିତା ପରିବେଷଣ କରିଥିଲେ। ଏହି ଉର୍ଦ୍ଦୁ କବି ସମ୍ମିଳନୀରେ ପୂର୍ବତନ ସରପଞ୍ଚ ମୌସମ ବାହାର, ମୌକାଦିର ଖାନ, ସେକ ଆଲ୍ଲାଉଦ୍ଦିନ, ହେମୋ ଖାନ, ମେହବୁବ ଅଲ୍ଲୀ ଖାନଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ ଶ୍ରୋତା ଉପସ୍ଥିତ ଥିଲେ।

## ମନେ ପକାଇଲେ ୩୫ ବର୍ଷ ତଳର ସ୍କୁଲ ସ୍ମୃତି

ବରୀ,୨୨।୧୨(ସ୍ୱ.ପ୍ର)

ବରୀବ୍ଲକ ଅଧୀନ ବାଲିଆପାଳ ଗ୍ରାମସ୍ଥିତ ବିଧାନଚନ୍ଦ୍ର ଏକାଡେମୀ ପରିସରରେ ରବିବାର ୧୯୮୪ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୩୫ ବର୍ଷ ତଳର ସ୍କୁଲ ସ୍ମୃତିକୁ ମନେ ପକାଇ ଛାତ୍ରୀଛାତ୍ର ଭାବ ବିହ୍ୱଳ ହୋଇପଡିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବନ୍ଦାପନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଏକାଡେମୀର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ବିଧାନ ରାୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପୂରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମତ ପ୍ରକାଶ ପାଇଥିଲା। ଏହି ବ୍ୟାଚ୍‌ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଶିଶୁ ବିଶେଷଜ୍ଞଭାବେ କାର୍ଯ୍ୟରତ ରବୀନ୍ଦ୍ର କୁମାର ନନ୍ଦଙ୍କୁ ସହପାଠୀମାନେ ବରୀ ଅଞ୍ଚଳରେ ଗୋଟଏ ଦିନ ମାଗଣା ସେବା କରିବା ପାଇଁ ଅନୁରୋଧ କରିଥିଲେ। କୁନିକୁନି ଛାତ୍ରୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରସ୍ପର ନିଜ ପରିଚୟ ପ୍ରଦାନ କରିବା ସହିତ କର୍ମମୟ ଜୀବନର କାହାଣୀକୁ ବର୍ଣ୍ଣନା କରିଥିଲେ। ଦିନତମାମ ଏକାଡେମୀ ପରିସର ଉତ୍ସବମୁଖର ହୋଇଥିଲା। ଏଥିରେ ପୁରାତନ ଛାତ୍ର, ପ୍ରଶାନ୍ତ ସାହୁ, ବିଜୟ କୁମାର ସାହୁ, ଶୁକଦେବ ପାତ୍ର, ବାଞ୍ଛାନିଧି ସାହୁ, ପରେଶ କର, ନିରଞ୍ଜନ କର, ପ୍ରତାପ କର, ସୁରେଶ ନନ୍ଦ, ଶ୍ରୀଧର ସାହୁ, ରମେଶ କର, ଉର୍ମିଳା ବୋଇତେଇ, କଳ୍ପନା ମହାକୁଡ, ଗୁରୁଚରଣ ସାହୁ, ତପନ ପରିଡା, ପ୍ରଶାନ୍ତ ଦାସ, ସୀମା ଦାସ, ରମେଶ ମଲ୍ଲିକ, ମହେନ୍ଦ୍ର ବୋଇତେଇ, ସନ୍ତୋଷ ମଲ୍ଲିକ, ଗୀତାଞ୍ଜଳି ଦାସ ପ୍ରମୁଖ ପରସ୍ପର ଭାବ ବିନିମୟ କରିଥିଲେ।




ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ୧୯୮୪ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ର।

## ■ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକୋତ୍ସବ

# ଉତ୍ସବ ଏତିହ୍ୟ, ପରମ୍ପରାର ବଳିଷ୍ଠ ମାଧ୍ୟମ

ରସୁଲପୁର, ୨୨।୧୨ (ଡି.ଏନ୍.ଏ.)

ଉତ୍ସବ ହେଉଛି ଆମ ଏତିହ୍ୟ, ପରମ୍ପରା, କଳା, ସଂସ୍କୃତିର ବଳିଷ୍ଠ ମାଧ୍ୟମ। ଏହା ମାଧ୍ୟମରେ ଛାତ୍ରୀଛାତ୍ରମାନେ ସମାଜର ପୂର୍ବଜମାନଙ୍କର କୀର୍ତ୍ତି ଗୌରବର ଗାଥାକୁ ଜାଣିବାର ସୁଯୋଗ ପାଇଥାନ୍ତି। ଉତ୍ସବ ବିଦ୍ୟାର୍ଥୀମାନଙ୍କୁ ପ୍ରରେଣା ଯୋଗାଇଥାଏ ବୋଲି ରସୁଲପୁର ବ୍ଲକ ଅଧୀନ କଲଣ ପଞ୍ଚାୟତସ୍ଥିତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକୋତ୍ସବରେ ମତ ପ୍ରକାଶ ପାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟଅତିଥି, ପ୍ରଫେସର ଡ. ନିରଞ୍ଜନ ଶତପଥି ମୁଖ୍ୟବକ୍ତା, ସମର ଶିକ୍ଷାତ୍ରୀ ବାହିନୀର କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ସି.ଡି. ସାହୁ, ସାମାଜିକ କର୍ମୀ ଭୀଷ୍ମପ୍ରସାଦ ରଥ, ସ୍ଥାନୀୟ ସରପଞ୍ଚ ସଙ୍ଗୀତାରାଣୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ଶ୍ରୀମତୀ ପ୍ରିୟମ୍ବଦା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲର ଗୌରବ ଗାଥା ଗାନ କରିବା ସହ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ସ୍କୁଲର ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ବାଳକ ବିଭାଗରେ ଓମ୍‌ପ୍ରକାଶ ରଣାଉ, ବାଳିକା ବିଭାଗରେ ରାନୁ ମଲିକ, କନିଷ୍ଠ ବିଭାଗରେ ପ୍ରୀତମ ସାହୁ, ବାଳିକା ବିଭାଗରେ ସୋନିକା ପ୍ରିୟଦର୍ଶିନୀ ସାହୁଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ମାନସ କୁମାର ରାଉତ ଓ ସହକାରୀ ଶିକ୍ଷକ କମଳାକାନ୍ତ ପ୍ରଧାନ, ଶିକ୍ଷୟିତ୍ରି ମମତା ମହାନ୍ତି, ପ୍ରଶାନ୍ତ କୁମାର ଜେନା ପ୍ରମୁଖ କାର୍ଯ୍ୟକର୍ମ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱଜିତ୍ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବିଧବାଙ୍କ ପାଖରେ ଅପହଞ୍ଚ ସରକାରୀ ଯୋଜନା

ଦଶରଥପୁର,୨୨।୧୨(ଡିଏନ୍ଏ)

ଗରିବ ଅସହାୟଙ୍କ ପାଇଁ ସରକାର ଅନେକ ଯୋଜନା କରିଥିଲାବେଳେ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କୁଆଁରପୁର (ଅଇଡା) ଗ୍ରାମର ବିଧବା ରିଲି ମଲ୍ଲିକଙ୍କ ନିକଟରେ ତାହା ଅପହଞ୍ଚ ପାଲଟିଛି। ରିଲିଙ୍କ ସ୍ୱାମୀ ଆରତ ମଲ୍ଲିକ (୨୬)ଙ୍କ ମୃତ୍ୟୁକୁ ଇତିମଧ୍ୟରେ ୮ମାସ ବିତି ସାରିଛି। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ କୌଣସି ସରକାରୀ ସହାୟତା ମିଳିନି। ବିଧବା ଭତ୍ତାଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ପାଇଖାନା ପରି କୌଣସି ସରକାରୀ ଯୋଜନାରେ ତାଙ୍କୁ ସହାୟତା ମିଳିନାହିଁ। ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ଜାତୀୟ ସମାଜ ମଙ୍ଗଳ ଯୋଜନାରେ ମିଳୁଥିବା ୨୦ ହଜାର ଟଙ୍କାରୁ ମଧ୍ୟ ସେ ବଞ୍ଚିତ ହୋଇଛନ୍ତି। ଦଶରଥପୁର ବ୍ଲକର ହେଡକ୍ୱାର୍ଟର ନିକଟସ୍ଥ ଅଇଡ଼ା ଗ୍ରାମର ଏହି ବିଧବା ବ୍ଲକକୁ ଦୌଡ଼ିଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁନାହାନ୍ତି ବୋଲି ସେ ଦୁଃଖର ସହ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କର କୌଣସି ଜମିବାଡ଼ି ନ ଥିବାବେଳେ ୩ ଡିସିମିଲ ଜାଗା ଉପରେ ସେ ବାସ କରନ୍ତି। ଆରତ ୮ମାସ ତଳେ ଆର୍ଥିକ ଅନଟନକୁ ସହି ନ ପାରି ଆତ୍ମହତ୍ୟା କରିଦେଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ରିଲି ନିଜ ୧୦ମାସର ଝିଅ ସହିତ ଦୁଃଖକଷ୍ଟରେ ଜୀବନ ନିର୍ବାହ କରୁଛନ୍ତି। ବିଧବା ଭତ୍ତା ଖଣ୍ଡେ ପାଇଁ ପ୍ରାୟ ୪ଥର ସରପଞ୍ଚଙ୍କ ସହ ଅଧିକାରୀଙ୍କ ନିକଟରେ ଦରଖାସ୍ତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ବିଧବା ଭତ୍ତା ମିଳିନି। ଏଥିସହ ସ୍ୱାମୀଙ୍କ ମୃତ୍ୟୁ ପରେ ମୃତଦେହ ସତ୍କାର କରିବାକୁ ହରିଶ୍ଚନ୍ଦ୍ର ଯୋଜନାରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ୨ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ମିଳିନି। ଏକ ଭଙ୍ଗା ଚାଳ କୁଡ଼ିଆରେ ସେ ଜୀବନ ଅତିବାହିତ କରୁଥିଲେ ମଧ୍ୟ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଇ ଘର ଖଣ୍ଡିଏ ଯୋଗାଇ ଦିଆଯାଇ ନାହିଁ। ଆର୍ଥିକ ଅନଟନରେ କାଳାତିପାତ କରୁଥିବା ରିଲିଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ କରାଯାଇ ନାହିଁ। ଯାହାକି ରାସନ କାର୍ଡ ଖଣ୍ଡେ ନ ମିଳିବା ସରକାରଙ୍କ ଯୋଜନା ଓ ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସମ୍ପୃକ୍ତ ବିଧବାଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଯାଜପୁର ଜିଲାପାଳ ହୃଦୟଙ୍ଗମ କରି ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।



ରିଲି ମଲ୍ଲିକ

